# ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ।

## ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ଶୁନରେ ରଖିବା ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

ଅନୁଗୋଳ, ତା.୧୦.୦୩:- ଚଳିତ ଗ୍ରୀଷ୍ମ ପ୍ରବାହର ସଠିକ ମୁକାବିଲା ନିମନ୍ତେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଅଧିକ ଗ୍ରୀଷ୍ମ ପ୍ରବାହ ହେବାର ଅନୁମାନ କରାଯାଉଥିବାରୁ ବିଭାଗୀୟ ଅଧିକାରୀ ମାନେ ସଠିକ ଭାବରେ ପ୍ରସ୍ତୁତ ଓ ସଜାଗ ରହି ଏହାର ମୁକାବିଲା କରିବା ସହିତ ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ଶୁନରେ ରଖିବା ନିମନ୍ତେ ଯତ୍ନବାନ ହେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଜଳକ୍ଲିଷ୍ଟ ଅଞ୍ଚଳରେ ସ୍ଥାୟୀ ଉପଚାର କରିବା ସହିତ ପଶୁପକ୍ଷୀ ମାନଙ୍କ ପାଇଁ ଜଳ ଯୋଗାଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସମ୍ପ୍ରତି ଜଙ୍ଗଲଗୁଡିକରେ ନିଆଁ ଲାଗିବା ହେତୁ ଜୀବଜନ୍ତୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଜଙ୍ଗଲରେ ନିଆଁ ଲଗାଉଥିବା ଲୋକମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସେମାନଂକ ପାଇଁ ପାନୀୟ ଜଳର ବନ୍ଦୋବସ୍ତ କରିବାକୁ ବନଖଣ୍ଡ ଅଧିକାରୀଂକୁ ସେ ପରାମର୍ଶ ଦେଇଛନ୍ତି । ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଦିବା ୧୧ ଘଟିକାରୁ ଦିବା ୩ଘଟିକା ୩୦ ମିନିଟ୍ ମଧ୍ୟରେ ଯେପରି କୌଣସି ଶ୍ରମିକ କାମ ନକରିବେ ଏବଂ ବିଦ୍ୟାଳୟରେ ପାଠପଢିବାକୁ ଆସୁଥିବା ଛାତ୍ରଛାତ୍ରୀମାନେ ଯେପରି ଖରାକୁ ନବାହାରନ୍ତି ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ଅଂଶୁଘାତର ସଠିକ ମୁକାବିଲା ପାଇଁ ପ୍ରତ୍ୟେକ ଚିକିତ୍ସାଳୟରେ ଆବଶ୍ୟକ ଔଷଧ, ପର୍ଯ୍ୟାପ୍ତ ପରିମାଣର ଓ ଆର ଏସ୍, ଆନୁସଂଗୀକ ବ୍ୟବସ୍ଥା ସହିତ ସଦର ମହକୁମାରେ ଅବସ୍ଥିତ ଚିକିତ୍ସାଳୟରେ ଶୀତତାପ ନିୟନ୍ତ୍ରିତ ଅଂଶୁଘାତ ଚିକିତ୍ସା କକ୍ଷ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଗ୍ରୀଷ୍ମ ପ୍ରବାହ ସମ୍ପର୍କିତ ସତର୍କ ସୂଚନା ପ୍ରଦାନ ପାଇଁ ଜିଲ୍ଲା,ଉପଖଣ୍ଡ,ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ ଏକ ଆପାତକାଳିନ କଣ୍ଟ୍ରୋଲରୁମ କାର୍ଯ୍ୟକରିବ । ଜିଲ୍ଲା ରେଡକ୍ରସ ତରଫରୁ ତହସିଲ ଓ ବ୍ଲକ କାର୍ଯ୍ୟାଳୟଗୁଡିକୁ ଗ୍ରୀଷ୍ମ ପ୍ରବାହ ସମ୍ପର୍କିତ ସତର୍କ ସୂଚନା ଥିବା ପ୍ରଚାରପତ୍ର ଯୋଗାଇ ଦିଆଯିବ । ବୈଠକରେ ଡେରଜାଙ୍ଗ ଏବଂ ସମଲ ଡ୍ୟାମରୁ ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ନିୟମିତ ଜଳପ୍ରବାହ,ବସ୍‌ରେ ପାନୀୟଜଳ ବ୍ୟବସ୍ଥା,ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ,ହାଟଗୁଡିକରେ ପାନୀୟଜଳ ବ୍ୟବସ୍ଥା,ଜଳକ୍ଲିଷ୍ଟ ଅଂଚଳରେ ଜଳଛତ୍ର ଆଦି ସମ୍ପର୍କରେ ବିଷଦ ଆଲୋଚନା ହୋଇଥିଲା । ଖରାଦିନେ ପଶୁପକ୍ଷୀ ମାନଙ୍କୁ ବଳକା ଖାଦ୍ୟ ଓ ପାନୀୟ ଯୋଗାଇ ଦେବାକୁ ଜନସାଧାରଣ ସ୍ୱତପ୍ରବୃତ ଭାବେ ଆଗେଇ ଆସିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥୀ ଗ୍ରୀଷ୍ମପ୍ରବାହ ମୁକାବିଲା ନିମନ୍ତେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟଖସଡା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରସନ୍ନ କୁମାର ବିଶ୍ୱାଳ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ରଜନୀ କାନ୍ତ ସ୍ୱାଇଁ, ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଲଳିତ ମୋହନ ବେହେରା, ଜିଲ୍ଲା ଆପାତକାଳୀନ ଅଧିକାରୀ ଶ୍ରୀ ବଇତୁରା ଦିପ୍, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ପ୍ରଦୋଶ କୁମାର ଶତପଥି ସମେତ ଜିଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।


DISTRICT LEVEL PREPARATORY MEETING
ON
HEAT WAVE - 2021
Date - 10.03.2021 Time- 11.00Am
Venue- Collectorate Conference Hall, Angul
Organised By - District Disaster Management Authority (DDMA), Angul
&
District Emergency Operation Center (DEOC), Angul